


## ସଂକ୍ଷେପରେ

### ବମକେଇରେ ଚାଲିଛି ଜୁଆଆଡ୍ଡା

### ବଢୁଛି ଅସାମାଜିକ କାର୍ଯ୍ୟକଳାପ, ଏସ୍‌ପିଙ୍କୁ ସ୍ମାରକପତ୍ର

**ଦିଗପହଣ୍ଡି,୧୦।୩(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ବମକେଇ ପଞ୍ଚାୟତ ସାଗରପଲ୍ଲୀ ପାହାଡ଼ ନିକଟରେ ଦୀର୍ଘଦିନ ହେଲା ଚାଲିଛି ଜୁଆଆଡ୍ଡା। ଦିଗପହଣ୍ଡି, ପାତ୍ରପୁର, ଚିକିଟି, ଶେରଗଡ଼ ସମେତ ବ୍ରହ୍ମପୁର ଅଞ୍ଚଳରୁ ଜୁଆଡ଼ିମାନେ ଏଥିରେ ସାମିଲ ଅଛନ୍ତି। ଜୁଆଖେଳକୁ କେନ୍ଦ୍ରକରି ସମ୍ପୃକ୍ତ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବଢିଚାଲିଛି। ବମକେଇ, ଚୁଡୁଙ୍ଗପୁର ଓ ଦେଓଖାଳି ଗ୍ରାମର କିଛି ଯୁବକଙ୍କ ସହଯୋଗରେ ଜୁଆଡିଙ୍କୁ ସୁରକ୍ଷା ଦିଆଯାଉଛି। ଜୁଆଆଡ୍ଡାରୁ ଦୈନିକ ୨୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ କରାଯାଉଛି। ବମକେଇ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ସନ୍ଧ୍ୟା ହେଲେ ଜୁଆଡିଙ୍କ ଆଡ୍ଡା ଜମୁଛି। ରାସ୍ତାରେ ମହିଳାମାନେ ଚଳପ୍ରଚଳ ହେବାକୁ ନିରାପଦ ମଣୁନାହାନ୍ତି। ଏ ନେଇ ବମକେଇ ଗ୍ରାମର ସଚେତନ ଜନସାଧାରଣ ବ୍ରହ୍ମପୁର ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

### ମଦ ଜବତ, ଜଣେ ଗିରଫ

**ଗୋପାଳପୁର,୧୦।୩:** ଗୋଳନ୍ଥରା ଥାନା ପୋଲିସ ଏକ ଢ଼ାବା ନିକଟରେ ଚଢ଼ାଉ କରି ୬ ଲିଟର ବିଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ରଘୁନାଥ ପାତ୍ର। ରବିବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଏନେଇ ଥାନାରେ ନଂ.୫୨/୧୯ରେ ଏକ ମାମଲା ରୁଜୁ ହୋଇଛି ।

### ମହିଳାଙ୍କୁ ଆତ୍ମନିଯୁକ୍ତି ତାଲିମ

**ଛତ୍ରପୁର,୧୦।୩(ଡି.ଏନ.ଏ.):** ଭାରତ ସରକାରଙ୍କ ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ଛତ୍ରପୁରଠାରେ ମହିଳାମାନଙ୍କୁ ଆତ୍ମନିଯୁକ୍ତି ପାଇଁ ଚାଲିଥିବା ସିଲେଇ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓକିଲ ସି.ଏଚ. ଜ୍ୟୋତି ଯୋଗଦେଇ ମହିଳାମାନେ ଆତ୍ମନିର୍ଭରଶୀଳ ପାଇ ସିଲେଇ ତାଲିମ ନିଶ୍ଚୟ ସହାୟକ ହେବ ଏବଂ ମହିଳାମାନେ ନିଜକୁ ଦୁର୍ବଳ ମନେ ନ କରି ଆଗକୁ ବଢିବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥିରୂପେ ଛତ୍ରପୁର ଏନ୍‌ଏସି ଗୋଷ୍ଠୀ ସଙ୍ଗଠିକା କବିତାରାଣୀ ଦାଶ ଓ ଅରୁଣ ଶତପଥୀ ଯୋଗଦେଇ ମହିଳା କଲ୍ୟାଣର ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ୩୫ ଜଣ ମହିଳାଙ୍କୁ ସିଲେଇ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ୨୦୧୮ ନଭେମ୍ବର ୧୪ ରେ ଏହି ତାଲିମ ଶିବିରର ଶୁଭାରମ୍ଭ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ଯୁବବର୍ଗର ଓ ଆର୍ଥିକ ଅନୁନ୍ନତ ଥିବା ଉତ୍ସାହୀ ହିତାଧିକାରୀଙ୍କୁ ଆତ୍ମନିର୍ଭରଶିଳ ନିମନ୍ତେ ବିଭିନ୍ନ ତାଲିମ ପ୍ରଦାନ କରାଯିବ ବୋଲି ନେହେରୁ ଯୁବକେନ୍ଦ୍ର ପକ୍ଷରୁ କୁହାଯାଇଛି। ଶିବିରକୁ ଅନୁସୂୟା ପ୍ରଧାନ, ଦୀପା ରାଣୀ ବେହେରା, ମିତାରାଣୀ ବେହେରା, ଦିପ୍ତୀ ନାୟକ ଓ ରଜତ ଖାଡଙ୍ଗା ପ୍ରମୁଖ ପରିଚାଳନା କରିଥିଲେ।

### ଦୁର୍ଘଟଣାରେ ଜଣେ ଗୁରୁତର

**ହିଞ୍ଜିଳିକାଟୁ, ୧୦।୩ (ଡି.ଏନ୍.ଏ.):** ପୁରୁଷୋତ୍ତମପୁର ଥାନା ଗାଙ୍ଗଦହଣୀ ଗ୍ରାମରେ ଏକ ଯାତ୍ରୀବାହୀ ଅଟୋ ସହ ଲୁନା ମୁହାଁମୁହିଁ ଧକ୍କାରେ ଲୁନା ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ପୁରୁଷୋତ୍ତମପୁର ଥାନା ଗାଙ୍ଗଦହଣି ଗ୍ରାମର କାଳିଆ ସାହୁ (୫୭)। ଗ୍ରାମବାସୀ ଘଟଣାସ୍ଥଳରୁ କାଳିଆଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି।

■ ଭିଭିପାଟ୍ ସଚେତନତା

# ଦଳୀୟ ପ୍ରତିନିଧିଙ୍କୁ ନେଇ ମକ୍‌ପୋଲ

**ଛତ୍ରପୁର,୧୦।୩(ଡି.ଏନ୍.ଏ.)**

ଚଳିତ ନିର୍ବାଚନରେ ପ୍ରଥମ ଥର ପାଇଁ ଭିଭିପାଟ୍‌ର ବ୍ୟବହାର କରାଯାଉଛି। ଏ ନେଇ ସଚେତନ କରିବା ପାଇଁ ରବିବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ପ୍ରଦର୍ଶନ କରାଯାଇଥିଲା। ଏଥିରେ ବିଭିନ୍ନ ରାଜନୈତିକ ଦଳ ଓ ଖବରଦାତାମାନଙ୍କୁ ଡକାଯାଇ ଏହାର ବ୍ୟବହାର ଉପରେ ସୂଚନା ଦେବା ସହ ମକ୍ ପୋଲ୍ ହୋଇଥିଲା। ସ୍ୱଚ୍ଛ ଓ ବିଶ୍ୱସନୀୟ ନିର୍ବାଚନ ପ୍ରକ୍ରିୟାର ସମୃଦ୍ଧୀକରଣ ପାଇଁ ଭିଭିପାଟର ବ୍ୟବାହର କରାଯାଇଛି ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଥିଲେ। ଭିଭିପାଟ୍‌ରେ ଭୋଟର କାହାକୁ ଭୋଟ ଦେଲେ ଜାଣିପାରିବେ ବୋଲି ଜିଲାପାଳ କହିଥିଲେ। ମେଶିନ୍‌ର ଡିସପ୍ଲେରେ ୭ ସେକେଣ୍ଡ ପାଇଁ ଭୋଟର ମତଦାନ କରିଥିବା ଚିହ୍ନକୁ ଦେଖିପାରିବେ। ଏହାପରେ ଏହି କାଗଜ (ଚିରିକୁଟି) କଟି ସିଲ୍ ହୋଇଥିବା ବାକ୍ସରେ ପଡିଯିବ। ବିଭିନ୍ନ ରାଜନୈତିକ ଦଳର ସଭ୍ୟ, ଜିଲାପାଳ ଓ ଗଣମାଧ୍ୟମ ପ୍ରତିନିଧି ମଧ୍ୟ ଡମି ଭୋଟ ଦେଇଥିଲେ। ଚଳିତ ନିର୍ବାଚନରେ ଭିଭିପାଟ ବ୍ୟବହାର କରାଯାଉଥିବାରୁ ଏ ସଂପର୍କରେ ଲୋକମାନଙ୍କୁ ସଚେତନ କରିବାକୁ ୨ୟ ପର୍ଯ୍ୟାୟରେ ୭୩ ଗାଡି ଜିଲାର ବିଭିନ୍ନ ସ୍ଥାନ ବୁଲି ସଚେତନତା କରାଉଛି। ମାର୍ଚ୍ଚ ୩୦ ତାରିଖ ପର୍ଯ୍ୟନ୍ତ ଏହା ବୁଲିବ। ସେହିପରି ବ୍ଲକ ପରିସରରେ ମଧ୍ୟ ଏହିଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ କବିନ୍ଦ୍ର କୁମାର ସାହୁ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଜିଲା ନିର୍ବାଚନୀ ଅଧିକାରୀ ଡ.ବିଜୟାନନ୍ଦ ସେଠୀ, ଛତ୍ରପୁର ତହସିଲଦାର ନୀଳମାଧବ ଭୋଇ, ଜିଲା ପରିଷଦ ସଭାପତି ସୁବାସ ଚନ୍ଦ୍ର ବେହେରା, ଭାଜପା ମଣ୍ଡଳ ସଭାପତି ପ୍ରଦୀପ ପାଢୀଙ୍କ ସମେତ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ।



ମକ୍‌ପୋଲ୍ କରାଯାଉଛି।

# ପର୍ଯ୍ୟଟକ କାର୍ ଦୁର୍ଘଟଣା: ୪ ଆହତ, ଚାଳକ ଗୁରୁତର

**ଦାରିଙ୍ଗବାଡ଼ି,୧୦।୩(ଡି.ଏନ.ଏ)**

ଦାରିଙ୍ଗବାଡ଼ି ଥାନା ଗୁଡ୍ରିମେରା ଘାଟିରେ ରବିବାର ଏକ ପର୍ଯ୍ୟଟକ କାର୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଚାଳକଙ୍କ ସମେତ ୫ ଆହତ ହୋଇଛନ୍ତି। ଘାଟିର ବୁଲାଣି ରାସ୍ତାରେ ଥିବା ଏକ ପୋଲରେ ଚାଳକ ଭାରସାମ୍ୟ ହରାଇବାରୁ କାର୍‌ଟି ପ୍ରାୟ ୨୦ ଫୁଟ ତଳକୁ ଖସିପଡ଼ିଥିଲା। ଫଳରେ ପର୍ଯ୍ୟଟକ ପଶ୍ଚିମବଙ୍ଗ ହାଓଡ଼ାର ଦେବାଶିଷ ଦତ୍ତ, ଦୁଇ ମହିଳା ସୁବର୍ଣ୍ଣା ଦତ୍ତ, ବେଲା ଦତ୍ତ ଏବଂ ଜଣେ ଶିଶୁ ଆହତ ହୋଇଥିବା ବେଳେ ଚାଳକ ପୁରୀ ଜିଲାର ଜଗନ୍ନାଥ ସାହୁ ଗୁରୁତର ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ସମସ୍ତ ଆହତଙ୍କୁ ଅନ୍ୟତ୍ର ଚିକିତ୍ସା ପାଇଁ ପରାମର୍ଶ ଦେଇଛନ୍ତି। ଘଟଣାର ତଦନ୍ତ ଚାଲିଥିବା ଆଇଆଇସି ଅଲେଖ ଗରଡ଼ିଆ କହିଛନ୍ତି। ସୂଚନାଯୋଗ୍ୟ, ପଶ୍ଚିମବଙ୍ଗରୁ କାର୍(ନଂ.ଡବ୍ଲୁବି ୧୬ଏୱାଇ୨୬୨୪)ରେ ଦେବାଶିସ ଓ ଅନ୍ୟମାନେ ପୁରୀ ଆସିଥିଲେ। ସେଠାରୁ ଚାଳକ ଜଗନ୍ନାଥଙ୍କୁ ନେଇ ଦାରିଙ୍ଗବାଡ଼ି ଆସିଥିଲେ। ବିଭିନ୍ନ ପର୍ଯ୍ୟଟନସ୍ଥଳ ବୁଲିବା ପାଇଁ ଉକ୍ତ କାରରେ ବ୍ରାହ୍ମଣୀଗାଁ ଅଭିମୁଖେ ଯାଉଥିବା ବେଳେ ଦାସିଂବାଡ଼ି ପଞ୍ଚାୟତ ଗୁଡ୍ରିମେରାଠାରେ ତାହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା।



ଦୁର୍ଘଟଣାଗ୍ରସ୍ତ କାର୍ ।

# ଲାଠିରେ ମଦ ବିକ୍ରି ବନ୍ଦ

**କୁକୁଡ଼ାଖଣ୍ଡି,୧୦।୩(ଡି.ଏନ.ଏ.)**

କୁକୁଡ଼ାଖଣ୍ଡି ବ୍ଲକ ଲାଠି ଗ୍ରାମରେ ବହୁଦିନ ଧରି ଚାଲିଥିବା ମଦ ବିକ୍ରି ରବିବାର ବନ୍ଦ ହୋଇଛି। ମଦ ବିକ୍ରି ଦ୍ୱାରା ଅଞ୍ଚଳରେ ପ୍ରତିଦିନ ଅସାମାଜିକଙ୍କ ଆଡ୍ଡା ଜମିବା, ଗଣ୍ଡଗୋଳ ଓ ଅଶାନ୍ତ ପରିବେଶ ସୃଷ୍ଟି ହେଉଥିଲା। ଏ ନେଇ ଥାନାରେ ବହୁବାର ଅଭିଯୋଗ ହୋଇଛି। ଏହାକୁ ଅନୁଧ୍ୟାନ କରି ଅଞ୍ଚଳରେ ମଦ ବନ୍ଦ କରିବା ପାଇଁ ଶିବସେନା କର୍ମୀ ତଥା ମହନ୍ତ ବଳରାମ ବାବା ପୂର୍ବରୁ ଜିଲା ପ୍ରଶାସନଠାରେ ଅଭିଯୋଗ ଓ ପ୍ରତିବାଦ କରିଥିଲେ। ପ୍ରତିବାଦକୁ ସହଯୋଗ କରୁଥିଲେ ଭାଜପା ନେତା ଉତ୍ତମ କୁମାର ପାଣିଗ୍ରାହୀ। ଉଭୟ ମିଳିତ ଭାବେ ଗ୍ରାମବାସୀଙ୍କ ସହାୟତାରେ ରବିବାର ପ୍ରତିବାଦ କରି ବଜାର ରାସ୍ତାରେ ବସିଥିଲେ। ଫଳରେ କୁକୁଡ଼ାଖଣ୍ଡି ତହସିଲଦାର, ସଦର ଏସ୍‌ଡିପିଓ, ଥାନାଧିକାରୀ, ଅବକାରୀ ବିଭାଗ ପହଞ୍ଚି ମଦ ଦୋକାନକୁ ସିଲ କରିଥିବା ଗ୍ରାମବାସୀ କହିଛନ୍ତି।



ମଦ ବିକ୍ରି ବନ୍ଦ ଦାବିରେ ପ୍ରତିବାଦ ସଭା।

### ଶିଶୁକନ୍ୟାଙ୍କୁ ଲୁହା ରଡ୍‌ରେ ମାଡ ଘଟଣା

# ଅଭିଯୁକ୍ତ ବାପାଙ୍କୁ କୋର୍ଟ ଚାଲାଣ

**ଛତ୍ରପୁର,୧୦।୩(ଡି.ଏନ.ଏ.)**

ଛତ୍ରପୁର ଥାନା ଅର୍ଜୁନପଲ୍ଲୀ ଗାଁରେ ଶନିବାର ବିଜୟ ମହାରଣା ନିଜ ୩ ବର୍ଷର ଶିଶୁକନ୍ୟା ଶୁଭଶ୍ରୀଙ୍କୁ ଲୁହା ଛଡରେ ପିଟି ରକ୍ତାକ୍ତ କରିଦେଇଥିଲେ। ଏହି ମାମଲାରେ ଅଭିଯୁକ୍ତ ବିଜୟଙ୍କୁ ଶନିବାର ସନ୍ଧ୍ୟାରେ ଛତ୍ରପୁର ପୋଲିସ ଗିରଫ କରିଥିଲେ। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସ୍ତ୍ରୀ ଝିଲିଙ୍କ ସୂଚନା ଅନୁଯାୟୀ, ବିଜୟ ନିଶାସକ୍ତ ଅବସ୍ଥାରେ ଆସି ଘର ଲୋକଙ୍କୁ ମାରପିଟ କରୁଥିଲେ। ଶନିବାର ମଧ୍ୟ ଘରର କେତେକ ଆସବାବପତ୍ର ଓ ଲୁଗାପଟାକୁ ଘରେ ବିଜୟ ପୋଡି ଦେବା ପରେ ଗୋଟିଏ କୋଠରିରେ ସ୍ତ୍ରୀ ଝିଲି ଓ ପୁଅ ରାଜେଶଙ୍କୁ ରଖି ବାହାରୁ କବାଟ ଦେଇଥିଲେ। ପରେ ଉକ୍ତ କୋଠରୀ ବାହାରେ ଖେଳୁଥିବା ୩ ବର୍ଷର ଝିଅ ଶୁଭଶ୍ରୀଙ୍କୁ ଲୁହା ଛଡରେ ପିଟିଥିଲେ। ଏନେଇ ସ୍ତ୍ରୀ ଝିଲିଙ୍କ ଏତଲାକୁ ଭିତ୍ତିକରି ନଂ–୪୩/୧୯ରେ ଏକ ମାମଲା ରୁଜୁ କରି ବିଜୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଅପରପକ୍ଷରେ ଖବର ପାଇ ଶନିବାର ସନ୍ଧ୍ୟାରେ ହିଁ ବିଜୟକୁ ଧରିଆଣି ଛତ୍ରପୁର ଥାନାରେ ପୋଲିସ ଅଟକ ରଖିଥିଲା।

# ଦୁର୍ଘଟଣାରେ କବି କିଶୋର ପଟ୍ଟନାୟକଙ୍କ ମୃତ୍ୟୁ

**ଫୁଲବାଣୀ ଅଫିସ/ ଦଶପଲ୍ଲା(ଡି.ଏନ୍.ଏ),୧୦।୩**

କନ୍ଧମାଳ ଜିଲାର ଜଣାଶୁଣା କବି ଓ ଲେଖକ କିଶୋର ପଟ୍ଟନାୟକଙ୍କ ରବିବାର ନୟାଗଡ଼ ଜିଲା ଦଶପଲ୍ଲାଠାରେ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, କିଶୋର କୌଣସି ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଶନିବାର ଭୁବନେଶ୍ୱର ଯାଇଥିଲେ। ରବିବାର ଅପରାହ୍ନରେ ନୟାଗଡ଼ର ଜଣେ ସମ୍ପର୍କୀୟ ତ୍ରିନାଥ ପଟ୍ଟନାୟଙ୍କ ସହ ଏକ ସ୍କୁଟିରେ ଫୁଲବାଣୀ ଫେରୁଥିଲେ। ଦଶପଲ୍ଲା ନିକଟ ଜାମୁସାହିରେ ରାତିରେ ହଠାତ୍ ବାଇକ୍ ଆଗକୁ ଏକ ଗାଈ ଆସି ଯାଇଥିଲା । ଗାଈ ସହ ଧକ୍କା ନ ହେବା ପାଇଁ ତ୍ରିନାଥ ଚେଷ୍ଟା କରୁଥିବା ବେଳେ ପଛରୁ କୌଣସି ଏକ ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା । ଫଳରେ କିଶୋର ଓ ତ୍ରିନାଥ ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ସ୍ଥାନୀୟ ଲେକେ ଉଦ୍ଧାର କରି ତୁରନ୍ତ ଆମ୍ବୁଲାନରେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ସେମାନଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। କିଶୋରଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ପଠାଯାଉଥିବା ବେଳେ ବାଟରେ ମୃତ୍ୟୁ ଘଟିଥିଲା। ନୟାଗଡ ଡାକ୍ତରଖାନାରେ ତାଙ୍କ ମୃତଦେହ ରଖାଯାଇଛି। ସୋମବାର ବ୍ୟବଚ୍ଛେଦ କରାଯିବ।

କିଶୋର କନ୍ଧମାଳ ଜିଲାର ଜଣେ ଜଣାଶୁଣା ସାହିତ୍ୟ ପ୍ରତିଭା ସହ ଜଣେ ସାରସ୍ୱତ ସଙ୍ଗଠକ ମଧ୍ୟ ଥିଲେ । ଜଣେ ଶିଶୁ କବି ଭାବେ ରାଜ୍ୟରେ ତାଙ୍କର ଖ୍ୟାତି ରହିଥିଲା। ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ମଧ୍ୟ ଥିଲେ। ଶିକ୍ଷକତା କରୁଥିବା କିଶୋରଙ୍କର ଅକାଳ ବିୟୋଗରେ ଫୁଲବାଣୀ ସହର ଓ କନ୍ଧମାଳ ଜିଲାର ସାହିତ୍ୟ ମହଲରେ ଶୋକର ଛାୟା ଖେଳିଯାଇଛି ।



କବି କିଶୋର ପଟ୍ଟନାୟକ।

# କସ୍ତୁରବା ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଧରାକୋଟ,୧୦।୩(ଡି.ଏନ୍.ଏ.)**

ଧରାକୋଟ ନିକଟସ୍ଥ ମୁଣ୍ଡମରାଇ ଗ୍ରାମସ୍ଥିତ କସ୍ତୁରବା ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ ତଥା ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ତହସିଲଦାର ଗଦାଧର ପାତ୍ର, ବିଡିଓ ଅଜୟ କୁମାର ପ୍ରଧାନ ସଭାପତିତ୍ୱ କରିଥିବାବେଳେ ମୁଖ୍ୟବକ୍ତା ଭାବେ ସରକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୌରୀ ଶଙ୍କର ବେହେରା, ସମ୍ମାନିତ ଅତିଥି ଭଗବାନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା।



ଜଣେ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

■ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ

# ବାଇଗଣବାଡ଼ି ଚାମ୍ପିୟନ



ବିଜେତା ଦଳକୁ ପୁରସ୍କୃତ କରାଯାଉଛି।

**କୁକୁଡ଼ାଖଣ୍ଡି,୧୦।୩(ଡି.ଏନ.ଏ.)**

କୁକୁଡ଼ାଖଣ୍ଡି ବ୍ଲକ ଲାଠି ଗ୍ରାମରେ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୫ଟି ଟିମ ଅଂଶଗ୍ରହଣ କରିଥିଲେ। ବାଇଗଣବାଡ଼ି ଓ ସାନକୁସୁମି ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସାନକୁସୁମିକୁ ହରାଇ ବାଇଗଣବାଡ଼ି ଚାମ୍ପିୟନ ହୋଇଛି। ମୁଖ୍ୟଅତିଥି ଭାବେ ଗଞ୍ଜାମ ଜିଲା ଭାଜପା ବ୍ଲକ ସଭାପତି ସିଦ୍ଧାନ୍ତ ଗଙ୍ଗଦେବ ଯୋଗଦେଇ ବିଜେତା ଓ ପରାଜିତ ଟିମକୁ ପୁରସ୍କୃତ କରିଥିଲେ। ଲାଠି ମା' ବୁଢ଼ୀ ଠାକୁରାଣୀ କ୍ରିକେଟ ଟୁର୍ନାମେଣ୍ଟ ପରିଚାଳନା କମିଟି ଏହି ଟୁର୍ନାମେଣ୍ଟ ଆୟୋଜନ କରିଥିଲେ। ଦେବବ୍ରତ ପାଢ଼ୀ ଓ ସିଦ୍ଧାର୍ଥ ଶଙ୍କର ପଣ୍ଡା ଏହାର ନେତୃତ୍ୱ ନେଇଥିଲେ ।

# ଅଧ୍ୟକ୍ଷ, ପ୍ରଧାନ ଶିକ୍ଷକ ପଦବୀ ପୂରଣ ଦାବି

**ଜି.ଉଦୟଗିରି,୧୦।୩(ଡି.ଏନ.ଏ.)**

ଜି.ଉଦୟଗିରିସ୍ଥିତ କଳିଙ୍ଗ ମହାବିଦ୍ୟାଳୟର ଅଧ୍ୟକ୍ଷ ପଦବୀ ଅନେକ ବର୍ଷ ହେବ ଖାଲି ପଡ଼ିଛି। ଏହି ପଦବୀ ପୂରଣ ନିମନ୍ତେ ବହୁବାର ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କ ତରଫରୁ ଦାବି ହୋଇଆସୁଛି। ହେଲେ ଏ ପର୍ଯ୍ୟନ୍ତ ଅଧ୍ୟକ୍ଷ ପଦବୀ ପୂରଣ ହୋଇନି। ଜଣେ ଅଧ୍ୟାପକ ଭାରପ୍ରାପ୍ତ ଅଧ୍ୟକ୍ଷ ଦାୟିତ୍ୱରେ ରହିବାରୁ ସମ୍ପୃକ୍ତ ବିଭାଗର ପାଠପଢ଼ା ବ୍ୟାହତ ହେବା ସହିତ ପ୍ରଶାସନିକ ଶୃଙ୍ଖଳା ରହୁନାହିଁ। ସେହିପରି ଜି.ଉଦୟଗିରିର ସର୍ବ ପୁରାତନ ହବାକ ହାଇସ୍କୁଲ ପ୍ରଧାନ ଶିକ୍ଷକ ପଦବୀ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପଦବୀ ବହୁଦିନ ହେଲା ଖାଲି ପଡ଼ିଛି। ତୁରନ୍ତ କଲେଜ ଅଧ୍ୟକ୍ଷ ଓ ପ୍ରଧାନ ଶିକ୍ଷକ ପଦବୀ ପୂରଣ କରିବାକୁ ଭାଜପା ନେତା ପ୍ରିୟବ୍ରତ ସାହୁ, କଂଗ୍ରେସ ନଗର ସଭାପତି ଗଗନ କୁମାର ପ୍ରଧାନ, ଜି.ଉଦୟଗିରି ବ୍ୟବସାୟୀ ସଂଘ ପ୍ରମୁଖ ଦାବି କରିଛନ୍ତି।

■ ଭିଭିପାଟ, ଇଭିଏମ୍ ସଚେତନତା

# ସ୍ୱଚ୍ଛ, ନିରପେକ୍ଷ ନିର୍ବାଚନକୁ ଗୁରୁତ୍ୱ



ଛାତ୍ରୀଛାତ୍ରଙ୍କ ସହ ପ୍ରଶାସନିକ ଅଧିକାରୀ।

**ଫୁଲବାଣୀ ଅଫିସ, ୧୦।୩**

ସାଧାରଣ ନିର୍ବାଚନ ପାଇଁ ପ୍ରଶାସନର ପ୍ରସ୍ତୁତି ଜୋରଦାର ଚାଲିଛି। ଚଳିତ ନିର୍ବାଚନରେ ପ୍ରଥମ ଥର ପାଇଁ ବ୍ୟବହାର ହେବାକୁ ଯାଉଥିବା ଭିଭିପାଟ ମେଶିନ ଉପରେ ଲୋକଙ୍କୁ ପ୍ରଥମ ପର୍ଯ୍ୟାୟ ସଚେତନ ପରେ ଏବେ ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଯାଇଛି। ରବିବାର ସ୍ୱତନ୍ତ୍ର ଅଭିଯାନ ଦିବସରେ ଭିଭିପାଟ ଏବଂ ଇଭିଏମ ଉପରେ ରାଜନୈତିକ ଦଳର ବ୍ୟକ୍ତି ବିଶେଷ, ଛାତ୍ରୀଛାତ୍ର, ବୁଦ୍ଧିଜୀବୀଙ୍କୁ ଜିଲା ପ୍ରଶାସନ ପକ୍ଷରୁ ପଞ୍ଚାୟତ ଭବନ ସଭାଗୃହରେ ସଚେତନ କରାଯାଇଛି। ଆଗାମୀ ନିର୍ବାଚରେ କିପରି ସେମାନେ ସ୍ୱଚ୍ଛତାର ସହ ମତଦାନ କରିବେ ତାହା ଉପରେ ସମସ୍ତଙ୍କୁ ଅବଗତ କରାଯାଇଥିଲା। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ଡା. ବୃନ୍ଦା ଡି, ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ, ନିର୍ବାଚନ ଅଧିକାରୀ ଅର୍ଜୁନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ପୂର୍ବରୁ ଅଭିଯୋଗ ହେଉଥିଲା ଇଭିଏମ୍ ଦ୍ୱାରା ଭୋଟ ଜାଲିଆତି ହେଉଛି। ଭିଭିପାଟ ମେଶିନ ଏଥର ନିର୍ବାଚନରେ ପ୍ରଚଳିତ ହେଉଥିବାରୁ ଲୋକେ କାହାକୁ ଅବା କେଉଁ ଚିହ୍ନରେ ଭୋଟ ଦେଉଛନ୍ତି ତାହା ମେସିନର ଡିସପ୍ଲେରେ ୭ ସେକେଣ୍ଡ ପାଇଁ ଦେଖି ପାରିବେ। ଏଥର ୧୮ରୁ ୧୯ ବର୍ଷ ଭିତରେ ଯେପରି କେହି ଭୋଟର ନିର୍ବାଚନରୁ ବଞ୍ଚିତ ନ ରହିବେ ସେଥିଲାଗି ବିଶେଷ ଦୃଷ୍ଟି ଦିଆଯାଉଛି।

## ସଂକ୍ଷେପରେ

### ମା ତାରିଣୀ ମନ୍ଦିରର ବାର୍ଷିକୋତ୍ସବ

**ଭଞ୍ଜନଗର,୧୦।୩(ଡି.ଏନ.ଏ.):** ଜଗନ୍ନାଥପ୍ରସାଦ ବ୍ଲକ ଗାୟଗଣ୍ଡା ମା ତାରିଣୀ ମନ୍ଦିରର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ରବିବାରର ଯଜ୍ଞ ଓ ଯାତ୍ରାର କର୍ତ୍ତା ପୁରୁଷୋତ୍ତମ ଖିଲାର ଦମ୍ପତି ଥିଲେ। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ପ୍ରମୋଦ ପାତ୍ର, ମନୋଜ ପାତ୍ର, ସୁଧା ମଲିକ, କୁଞ୍ଜ ନାଇକ ପ୍ରମୁଖ ଯାତ୍ରା ପରିଚାଳନା କରିଥିଲେ।

### ଉଦ୍ଧାର ପରେ ଅସହାୟ ବ୍ୟକ୍ତିଙ୍କୁ ମେଡିକାଲରେ ଭର୍ତ୍ତି

କୋରାପୁଟ,୧୦।୩(ସ୍ୱ.ପ୍ର.): କୋରାପୁଟ ସହରର ପୂଜାରୀପୁଟ ଅଞ୍ଚଳରେ କିଛିଦିନ ହେଲା ଅସହାୟ ଭାବେ ପଡ଼ିରହିଥିବା ଜଣେ ବ୍ୟକ୍ତିଙ୍କୁ ଜିଲା ପ୍ରଶାସନ ରବିବାର ଉଦ୍ଧାର କରି ମେଡିକାଲ କଲେଜକୁ ଚିକିତ୍ସା ପାଇଁ ପଠାଇଛି। କୋରାପୁଟ ସହକାରୀ ଜିଲାପାଳ ଆଲୋକ ଅନୁଗୁଳିଆ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ନିଜ ସରକାରୀ ଗାଡ଼ିରେ ଅସହାୟ ବ୍ୟକ୍ତି ଜଣଙ୍କୁ ମେଡିକାଲରେ ଭର୍ତ୍ତି କରିବା ସହ ସେ ସୁସ୍ଥ ହେବା ଯାଏଁ ପ୍ରଶାସନ ସମସ୍ତ ସୁବିଧା ଦେବ ବୋଲି କହିଥିଲେ। ଉକ୍ତ ବ୍ୟକ୍ତି ଜଣକ କିଛିଦିନ ହେଲା ପୂଜାରୀପୁଟର ରାସ୍ତାକଡ଼ରେ ଶୋଇ ରହୁଥିଲେ। ତାଙ୍କ ଦେହରେ ଗଭୀର କ୍ଷତ ରହିଥିଲା। ପ୍ରଶାସନର ଏପରି ପଦକ୍ଷେପକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

### ନିର୍ମାଣର ଦିନକ ମଧ୍ୟରେ ରାସ୍ତାରୁ ଉଠିଲା ପିଚୁ

ବୈପାରୀଗୁଡ଼ା,୧୦।୩(ଡି.ଏନ୍.ଏ.): ସଂପ୍ରତି ବୈପାରୀଗୁଡ଼ା ବ୍ଲକର ବିଭିନ୍ନ ଗ୍ରାମକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ଚାଲୁଛି। କିନ୍ତୁ ଏଥିରେ କାର୍ଯ୍ୟ ଅତି ନିମ୍ନମାନ ହେଉଥିବା ଅଭିଯୋଗ ହୋଇଛି । ଲକ୍ଷାଧିକ ଟଙ୍କା ଅଟକଳରେ ନିର୍ମିତ ଏହି ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠୁଛି। ବୈପାରୀଗୁଡ଼ା ପଞ୍ଚାୟତ ବାତ୍ରିପୁଟ ଗ୍ରାମକୁ ଜାତୀୟ ରାଜପଥଠାରୁ ୧କିମି ୩୦୦ ମିଟର ରାସ୍ତା ନିର୍ମାଣ ଚାଲିଛି। ଏଥିପାଇଁ ଅଟକଳର ପରିମାଣ ୬୮ରୁ ୭୪ ଲକ୍ଷ ଟଙ୍କା ରହିଛି । ଏବେ କାମ ପ୍ରାୟ ସଂପୂର୍ଣ୍ଣ ହୋଇ ଆସୁଥିବା ବେଳେ ରାସ୍ତା ନିମ୍ନମାନର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାସ୍ତାରେ ପିଚୁ ଆସ୍ତରଣ ସଠିକ୍ ଭାବେ ପଡ଼ି ନ ଥିବାରୁ ତାହା ଉଠିଯାଉଛି। ଅଣ ଓଡ଼ିଆ ଠିକାଦାର ଏହି କାମ କରୁଥିବା ବେଳେ ଅଭିଯୋଗ କଲେ ସେମାନେ ଧମକ ଦେଇ ଲୋକଙ୍କୁ ଭୟଭୀତ କରୁଛନ୍ତି। ଏ ସଂପର୍କରେ ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ନ ଥିଲା।

### 'ନାରୀ ଶିକ୍ଷିତ ହେଲେ ଦେଶର ପ୍ରଗତି ହେବ'

ଦାମନଯୋଡ଼ି,୧୦।୩(ସ୍ୱ.ପ୍ର.):ନାରୀ ପୁରୁଷଠାରୁ କମ୍ ନୁହେଁ। ସେ ଶିକ୍ଷିତ ହେଲେ ଦେଶ ଓ ସମାଜର ପ୍ରଗତି ହୋଇପାରିବ। ନାଲ୍କୋ ଅଡିଟୋରିୟମରେ ଆୟୋଜିତ ବିଶ୍ୱ ମହିଳା ଦିବସରେ ଅତିଥିମାନେ ଏହି ମତ ରଖିଛନ୍ତି। କାର୍ଯ୍ୟକ୍ରମରେ ଅତିଥି ଭାବେ ନାଲକୋ ଇଡି ରବିଶଙ୍କର ଦାସ, ମହାପ୍ରବନ୍ଧକ ରାଜୀବ ମିଶ୍ର, ନାଲ୍କୋ ଲେଡିଜ୍ କ୍ଲବ ସଭାପତି ସୁଜାତା ପଟ୍ଟନାୟକ, ଉପସଭାପତି ମୀନାକ୍ଷୀ ମିଶ୍ର ଯୋଗ ଦେଇଥିଲେ। ଡ. ବନ୍ଦନା ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ରଖିଥିଲେ। ଏହି ଅବସରରେ ନାଲ୍କୋରେ କାର୍ଯ୍ୟରତ ସିଆଇଏସ୍ଏଫ୍ ମହିଳାମାନଙ୍କୁ ସମ୍ମାନିତ କରାଯାଇଥିଲା। ମିସ୍ ସୋନମ, ମିସ୍ ଲୀନା, ମିସ୍ କସ୍ତୁରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶେଷରେ ରେଶମୀ ନାୟକ ଧନ୍ୟବାଦ ଦେଇଥିଲେ।

### ଷ୍ଟେଟ ବ୍ୟାଙ୍କରେ ଲୋକ ଅଦାଲତ

କୋଲାବନଗର,୧୦।୩(ଡି.ଏନ୍.ଏ.) କୋଲାବନଗରସ୍ଥିତ ଷ୍ଟେଟ ବ୍ୟାଙ୍କରେ ଖିଲାପି ଉପଭୋକ୍ତାଙ୍କ ପାଇଁ ଏକ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି । ଏଥିରେ ୧୮ଜଣ ଋଣ ଖିଲାପୀ ଉପସ୍ଥିତ ଥିଲେ। ୯ଜଣଙ୍କ କେଶ୍ ବିଚାର କରାଯାଇ ସେମାନଙ୍କଠାରୁ ୨ଲକ୍ଷ ଟଙ୍କା ଆଦାୟ କରାଯାଇଥିବା ଶାଖା ପରିଚାଳକ ମୁରଲିଧର ସାବତ କହିଛନ୍ତି। ଏଥିରେ ବ୍ୟାଙ୍କ କର୍ମଚାରୀ ସନ୍ତୋଷ ଓ ତ୍ରିନାଥ ସହାୟତା କରିଥିଲେ।

# ଖେଳରୁ ବଚସା ପରେ ହତ୍ୟାକାଣ୍ଡ

## ▪ ୩ ଅଭିଯୁକ୍ତ ଗିରଫ ପରେ କୋର୍ଟ ଚାଲାଣ

ନନ୍ଦପୁର,୧୦।୩(ଡି.ଏନ୍.ଏ.)

ପାଡୁଆ ଥାନା ଅଧୀନ ଭେଜା ପଞ୍ଚାୟତ ଅନ୍ତର୍ଗତ ବଦଲିଗୁଡ଼ାରେ ଗୁରୁବାର ରାତିରେ ଘଟିଥିବା ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିଛି ପୋଲିସ। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଜୟ ଖରା, କାମେଶ ଖରା ଓ ବାସୁଦେବ କିର୍ସାନି। ଏମାନଙ୍କ ମଧ୍ୟରୁ ଜୟ ଓ କାମେଶ ହେଉଛନ୍ତି ବାପ-ପୁଅ। ଶନିବାର ସେମାନଙ୍କୁ ଗିରଫ ପରେ ରବିବାର କୋର୍ଟ ଚାଲାଣ କରାଯାଇଛି। ଗୁରୁବାର ସନ୍ଧ୍ୟାରେ ଭଲିବଲ ଖେଳକୁ କେନ୍ଦ୍ରକରି ଲବ ଟାଙ୍ଗୁଲ ଏବଂ ଉପରୋକ୍ତ ଅଭିଯୁକ୍ତଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ଘଟଣାରେ ରାଗ ରଖିଥିବା ଅଭିଯୁକ୍ତମାନେ ସେଦିନ ରାତିରେ ଲବଙ୍କୁ ଘରୁ ଡାକିନେଇ ହତ୍ୟା କରିବା ପରେ ଗାଁ ନିକଟରେ ଫିଙ୍ଗି ଦେଇଥିଲେ।


ଗିରଫ ୩ ଅଭିଯୁକ୍ତ ।

ଶୁକ୍ରବାର ସକାଳେ ଲବଙ୍କ ମୃତଦେହ ଦେଖି ପରିବାର ଲୋକେ ଥାନାରେ ଏତଲା ଦେଇଥିଲେ। ଏହି ଘଟଣାରେ କେଶ ନଂ ୧୪/୧୯ରେ ମାମଲା ରୁଜୁ ହୋଇଥିବା ବେଳେ ଆଇପିସି ୩୦୨, ୩୪ ଦଫା ଅନୁଯାୟୀ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ପାଡୁଆ ଥାନା ଅଧିକାରୀ ଗୁରୁଦେବ କର୍ମୀ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲେ।

### ଆଶ୍ରମ ବିଦ୍ୟାଳୟରେ ୨ ଛାତ୍ର ମୃତ୍ୟୁ ଘଟଣା ପ୍ରଧାନ ଶିକ୍ଷକଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

କୋରାପୁଟ,୧୦।୩(ସ୍ୱ.ପ୍ର.)

କୋରାପୁଟ ଜିଲା ଥୁରିଆ ଆଶ୍ରମ ବିଦ୍ୟାଳୟରେ ଗତ ଜାନୁଆରୀ ୧୨ରେ ୨ ଜଣ ପଞ୍ଚମ ଶ୍ରେଣୀ ଛାତ୍ରଙ୍କ ଅକାଳ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ରାଜ୍ୟ ସରକାର ତଦନ୍ତ କରି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଜେନାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଚିଠି କରିଛନ୍ତି। ବିଭାଗୀୟ ସଚିବ ଏନେଇ କୋରାପୁଟ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଏହି ଚିଠି ପଠାଇଛନ୍ତି। ଜିଲାପାଳ ଏହି ଘଟଣାରେ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ତୁରନ୍ତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୧୯ ଜାନୁଆରୀ ୧୨ରେ ସେମିଳିଗୁଡ଼ା ଥାନା ଅନ୍ତର୍ଗତ ଥୁରିଆ ଆବାସିକ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପଢୁଥିବା ଭିତରକୋଟା ଗ୍ରାମର କୁନା ଖରା ଓ ପୁଟସିଲର ସୁବାସ ଖରା ପାଠପଢ଼ା ପରେ ଅପରାହ୍ନରେ ବିଦ୍ୟାଳୟ ପାଚେରି ଡେଇଁ ବାହାରକୁ ଯାଇଥିବା ବେଳେ ଅଘଟଣ ଘଟି ମୃତ୍ୟୁ ହୋଇଥିଲା।

# ପୋଲିସ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ


ଆସିକା ସହରରେ ପୋଲିସର ଫ୍ଲାଗ୍ ମାର୍ଚ୍ଚ।

**ଆସିକା,୧୦।୩(ଡି.ଏନ୍.ଏ.)**

ସାଧାରଣ ନିର୍ବାଚନ ଲାଗି ତାରିଖ ଘୋଷଣା ପରେ ପରେ ଆସିକା ଅଞ୍ଚଳର ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରତି ସାଧାରଣରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ପୋଲିସ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ରବିବାର ଅପରାହ୍ନରେ ଆସିକା ଥାନା ଅଧିକାରୀ ପୀତବାସ ଧାରୁଆଙ୍କ ନେତୃତ୍ୱରେ ପୋଲିସ ପକ୍ଷରୁ ଆସିକା ସହରରେ ଫ୍ଲାଗ ମାର୍ଚ୍ଚ କରାଯାଇଛି । ୪ ପ୍ଲାଟୁନ ସଶସ୍ତ୍ର ପୋଲିସ ବିଜୁ ପଟ୍ଟନାୟକ ଛକରୁ ଫ୍ଲାଗ୍‌ମାର୍ଚ୍ଚରେ ବାହାରି କଳିଙ୍ଗା ରୋଡ, ବସଷ୍ଟାଣ୍ଡ, ଲକ୍ଷ୍ମୀ ବଜାର, ବିନାୟକ ବଜାର, ହାଟପଦା, ମହାତ୍ମା ଗାନ୍ଧୀ ରୋଡ, ତାଲୁକା ରୋଡ ଆଦି ଅଞ୍ଚଳ ପରିକ୍ରମା କରିଥିଲା। ଜନସାଧାରଣଙ୍କ ମଧ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରତି ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏହା କରାଯାଇଥିବା କୁହାଯାଇଛି। ଅପରପକ୍ଷେ ଆସିକା ଥାନା ଇଲାକାରେ ଚୋରାମଦ କାରବାରକୁ ଦୃଢ ହସ୍ତରେ ଦମନ ସହ କୌଣସି ପ୍ରକାର ବିଶୃଙ୍ଖଳିତ ପରିସ୍ଥିତିରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ଧାରୁଆ ସତର୍କ କରାଇ ଦେଇଛନ୍ତି।

# ୧୫୫ ଅବସରପ୍ରାପ୍ତ ନାଗରିକଙ୍କୁ ମିଳୁନି ପ୍ରାପ୍ୟ

## ▪ ପଦକ୍ଷେପ ନ ନେଲେ ନିର୍ବାଚନ ବର୍ଜନ କରିବ ବରିଷ୍ଠ ନାଗରିକ ସଂଘ

କୋଲାବନଗର,୧୦।୩(ଡି.ଏନ୍.ଏ.)

କୋଲାବନଗର ବରିଷ୍ଠ ନାଗରିକ ସଂଘର ଏକ ବୈଠକ ସଂଘ କର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ସଂଘର ସ୍ଥାୟୀ ସଭାପତି ଇଂ ଦୟାନିଧି ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୭୬ଜଣ ବିଭିନ୍ନ ବର୍ଗର ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ଏଠାରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ୩/୪ ବର୍ଷ ମଧ୍ୟରେ୧୫୫ଜଣ ବରିଷ୍ଠ ନାଗରିକ ଅବସର ଗ୍ରହଣ କରିଥିଲେ ମଧ ଏଯାଏଁ ସେମାନଙ୍କୁ ତାଙ୍କର ପ୍ରାପ୍ୟ ମିଳିନାହିଁ। ଟଙ୍କା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଧିକାରୀଙ୍କ ବିରୋଧରେ ସଂଘ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କୁହାଯାଇଛି। ୩ବର୍ଷ ହେବ ଚିକିତ୍ସା ଭତ୍ତା ଦାବି କରୁଥିଲେ ମଧ ସରକାର କୌଣସି ପଦକ୍ଷେପ ନେଉ ନ ଥିବାରୁ ସଂଘ ସଦସ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତୁରନ୍ତ ଏ ସମସ୍ତ ସମସ୍ୟା ସମାଧାନ ନ ହେଲେ ସଂଘ ସଦସ୍ୟ ଓ ତାଙ୍କ ପରିବାର ନିର୍ବାଚନ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଆସନ୍ତା ୨୦ ତାରିଖରେ ସଂଘ ସ୍ଥାନୀୟ ଅଞ୍ଚଳ ସଫେଇ କରିବା ସହ ପଲିଥିନ ବର୍ଜନ ଉପରେ ସଚେତନ କରିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।


କୋଟପାଡ଼ ସୁନି ମୁସ୍‌ଲିମ୍ ଜମାତ ତରଫରୁ ରବିବାର 'ଉରୁଷ' ବା ଚାଦର ପର୍ବରେ ଚାଦର ଶୋଭାଯାତ୍ରା ସହ କବର ସ୍ଥାନରେ ବାବାଙ୍କ ସମାଧିକୁ ସୁସଜ୍ଜିତ ଆଲୋକମାଳାରେ ସଜାଯାଇଛି।

### ବିଭିନ୍ନ ଅଭିଯୋଗରେ ୩ ଗିରଫ



କୁନ୍ଦୁରା,୧୦।୩(ଡି.ଏନ୍.ଏ.)

ଆଗାମୀ ଦିନରେ ସାଧାରଣ ନିର୍ବାଚନ ରହିଥିବା ବେଳେ କୁନ୍ଦୁରା ଥାନାରେ କାର୍ଯ୍ୟରତ ଥାନାଧିକାରୀଙ୍କ ପଇଁତରା ଯୋଗୁଁ ବର୍ତ୍ତମାନ ଲୁଟେରା, ଡକାୟତ ଏବଂ ଦେଶୀ ଚୋରା ମଦ ବ୍ୟବସାୟୀ ଖସିଯିବା ସହଜ ହୋଇପାରୁ ନାହିଁ । କୋରାପୁଟ ଜିଲା କୁନ୍ଦୁରା ବ୍ଲକଠାରେ କାର୍ଯ୍ୟରତ ଆଇଆଇସି ଭବାନୀ ମୁଦୁଲି, ଏସ୍ଆଇ ଶିବ ରଣବିଦା, ଏଏସ୍ଆଇ ପ୍ରତାପ କୁମାର ରଥ ବିଭିନ୍ନ କାରଣରୁ ଅଭିଯୁକ୍ତ ଥିବା ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ରବିବାର ପୂର୍ବାହ୍ନରେ କୁନ୍ଦୁରା ଥାନା ପକ୍ଷରୁ ପାଟ୍ରୋଲିଂ ଚାଲିଥିବା ବେଳେ ଲିମା ଗ୍ରାମର ଦିପକ ବିଷୋୟୀ (୨୩) ୩ଟି ବସ୍ତାରେ ୧୦୫ ଲିଟର ମହୁଲି ଦେଶୀ ମଦ ଚାଲାଣ କରୁଥିବା ବେଳେ ପୋଲିସ କାବୁ କରିନେଇଥିଲା । ୨୭/୧୯ରେ ଏକ କେସ୍ ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେହିଭଳି ଲିମା ପଞ୍ଚାୟତ ତେନ୍ତୁଳିପାର ଗ୍ରାମର ଶ୍ରୀପତି ଟାକ୍ରି ଚୋରି ଅଭିଯୋଗରେ ଫେରାର ଥିବାବେଳେ ନବଗଠିତ ଗୁଣ୍ଡାଳ ଗ୍ରାମ ପଞ୍ଚାୟତରେ ସେ ରହୁଥିବା ପୋଲିସ ଜାଣିପାରି ତାଙ୍କୁ ରବିବାର ସେଠାରୁ ଗିରଫ କରିଛି । ସେହିଭଳି ବାଗଦେରୀ ପଞ୍ଚାୟତ ଜାମୁଗୁଡ଼ା ଗ୍ରାମର ଯୁବକ ପାଣିଙ୍କ ନାମରେ ତାଙ୍କ ପ୍ରଥମ ସ୍ତ୍ରୀ କେସ୍ କରିବା ପରେ ସେ ଫେରାର ରହିଥିଲେ। ରବିବାର କୁନ୍ଦୁରା ଥାନାଧିକାରୀ ଭବାନୀ ମୁଦୁଲିଙ୍କ ଟିମ୍ ତାଙ୍କୁ ଧରି କୋର୍ଟ ଚାଲାଣ କରିଛି ।

# ସିଡିଏମ୍ଓଙ୍କ ହିଞ୍ଜିଳିକାଟୁ ଡାକ୍ତରଖାନା ପରିଦର୍ଶନ

**ହିଞ୍ଜିଳିକାଟୁ, ୧୦।୩ (ଡି.ଏନ୍.ଏ.)**

ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଜୟ କୁମାର ପାଣିଗ୍ରାହୀ ରାବିବାର ହିଞ୍ଜିଳିକାଟୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଛନ୍ତି। ଡାକ୍ତରଖାନା ପରିସରରେ ରୋଗୀ ସେବା, ଔଷଧ ପ୍ରଦାନ ଓ ଅନ୍ୟାନ୍ୟ ସୁବିଧା ସହ ରବିବାର ପଲସ ପୋଲିଓ ପ୍ରଦାନ କାର୍ଯ୍ୟକ୍ରମ ଥିବାରୁ ଏହାର ପରିଚାଳନା ନେଇ ତଦାରଖ କରିଥିଲେ। ସିଡିଏମ୍ଓ ପାଣିଗ୍ରାହୀଙ୍କୁ ଗ୍ରସ୍ତ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ନଳିନିକାନ୍ତ ପାଢ଼ି ଡାକ୍ତରଖାନାର ବିଭିନ୍ନ ରୋଗୀ ସେବା ସମ୍ପର୍କରେ ସୂଚନା ଦେଇଥିଲେ। ଡା. ମାଧବ କୁମାର ସାହୁ, ଡା. ଶେଖ ଅନସାରୀ ଅଲ୍ଲୀ, ଫାର୍ମାସିଷ୍ଟ କାର୍ତ୍ତିକେଶ୍ୱର ସାହୁ, ସୁପରଭାଇଜର ଅଶୋକ କୁମାର ମିଶ୍ରଙ୍କ ସହ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

# ମହିଳା ଦିବସରେ ସମ୍ମାନିତ ହେଲେ କମଳା

କୋରାପୁଟ,୧୦।୩(ସ୍ୱ.ପ୍ର.)

ସୁନାବେଡ଼ା ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ପଦ୍ମଶ୍ରୀ ତଥା ରାଜ୍ୟ ଯୋଜନା ବୋର୍ଡ ସଦସ୍ୟା କମଳା ପୂଜାରୀ ଓ ବିଶିଷ୍ଟ କବି ଡ. ଅପର୍ଣ୍ଣା ମହାନ୍ତିଙ୍କୁ ସମ୍ମାନିତ କରାଯାଇଛି। ବିଶ୍ୱବିଦ୍ୟାଳୟ ଆଇସିସି ପକ୍ଷରୁ ଆୟୋଜିତ୍ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ କମଳା କହିଥିଲେ, ଦେଶର ପ୍ରଗତି ପାଇଁ ପୁରୁଷଙ୍କ ଭଳି ମହିଳାଙ୍କ ସମାନ ଭାଗିଦାରୀ ହେବା ଜରୁରୀ। ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ କୁମାର ପାଲିତାଙ୍କ ଅଧ୍ୟକ୍ଷତା କରି କହିଥିଲେ, ମହିଳାଙ୍କ ବିନା କୌଣସି କାର୍ଯ୍ୟ ସମ୍ପୂର୍ଣ୍ଣ ନୁହେଁ। ଉଭୟଙ୍କ ମିଳିତ ସହଯୋଗରେ ଦେଶର ବିକାଶ କ୍ରିୟାଶୀଳ ହେଉ। ମୁଖ୍ୟବକ୍ତା ଭାବେ କବି ଅପର୍ଣ୍ଣା ମହାନ୍ତି କହିଥିଲେ, ସମାଜରେ ନାରୀଙ୍କୁ ସମସ୍ତ କ୍ଷେତ୍ରରେ ସ୍ୱାଧୀନତା ଦେଇ ଆଗକୁ ନିଆଯାଉ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଅସିତ ଦାସ, ଅଧାପିକା ମିନତି ସାହୁ, ବିଶ୍ୱବିଦ୍ୟାଳୟ ଲୋକ ସଂପର୍କ ଅଧିକାରୀ ଫଗୁନାଥ ଭୋଇ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଆଇସିସିର ଡ. ଶତାବ୍ଦୀ ବେହେରା ଓ ବିଜୟାନନ୍ଦ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କମଳା ପୂଜାରୀଙ୍କୁ ସମ୍ମାନିତ କରାଯାଉଛି ।

### ଶ୍ରେଣୀଗୃହ ଉଦ୍‌ଘାଟିତ

ଜୟପୁର,୧୦।୩(ନି.ପ୍ର.)

ଜୟପୁର ବ୍ଲକ ଅନ୍ତର୍ଗତ ପୂଜାରିପୁଟରେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ଉଦ୍‌ଘାଟିତ ହୋଇଛି । ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ବିଧାୟକ ପ୍ରତିନିଧି ଭାସ୍କର ପଟ୍ଟନାୟକ, ସରପଞ୍ଚ ନରସିଂହ ନାୟକ, ପ୍ରଫୁଲ୍ଲ ଭତ୍ରା, ସତ୍ୟ ନାୟକ ଉପସ୍ଥିତ ଥିଲେ।

# ନାବାଳିକାଙ୍କୁ ବଳାତ୍କାର, ଥାନାରେ ଏତଲା

ଦଶମନ୍ତପୁର,୧୦।୩(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ଚଣାବାଡ଼ ପଞ୍ଚାୟତ ଅଧୀନ ଏକ ଗ୍ରାମର ଜଣେ ୧୨ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରାଯାଇଛି। ତାଙ୍କ ପରିବାର ଉମରକୋଟରେ ରହୁଥିବା ବେଳେ ଜାଗର ଯାତ୍ରା ଦେଖିବା ପାଇଁ ସେମାନେ ନିଜ ଗାଁକୁ ଆସିଥିଲେ। ଯାତ୍ରା ବେଳେ ରାତି ଗୋଟାଏରେ ନାବାଳିକା ଜଣକ ଶୌଚ ପାଇଁ ଯାଇଥିବା ବେଳେ ଗ୍ରାମର ବଂଶୀଧର ବେନ୍ୟା ତାଙ୍କୁ ଜଙ୍ଗଲକୁ ଟେକିନେଇ ବଳାତ୍କାର କରିଥିଲେ। ପରେ ତାଙ୍କୁ ଗଛରେ ବାନ୍ଧି ସେଠାରୁ ଫେରିଆସିଥିଲେ। ନାବାଳିକା ଜଣକ ବଡ଼ କଷ୍ଟରେ ସେଠାରୁ ମୁକୁଳି ନିଜ ଘରେ ପହଞ୍ଚି ସମସ୍ତଙ୍କୁ ଏକଥା ଜଣାଇଥିଲେ। ଏହାପରେ ପିଡ଼ିତାଙ୍କ ପରିବାର ପକ୍ଷରୁ ସ୍ଥାନୀୟ ଥାନାରେ ଏତଲା ପରେ ଥାନା ଅଧିକାରୀ କପିଳେଶ୍ୱର ବେହେରା ତଦନ୍ତ ଚଳାଇଛନ୍ତି। ଅଭିଯୁକ୍ତ ଫେରାର ଥିବାବେଳେ ତାଙ୍କ ପରିବାର ପୀଡ଼ିତାଙ୍କ ଘରେ ପହଞ୍ଚି ଧମକାଉଥିବା ଅଭିଯୋଗ ହୋଇଛି।

## ▪ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଇଚ୍ଛା ଜଣାଇଲେ ସେମିଳିଗୁଡ଼ାର ସୁନାମ

# 'ମୋତେ ପଟ୍ଟାଙ୍ଗୀରୁ ପ୍ରାର୍ଥୀ କରନ୍ତୁ'

ସେମିଳିଗୁଡ଼ା,୧୦।୩(ସ୍ୱ.ପ୍ର.)

ସେମିଳିଗୁଡ଼ା ବ୍ଲକ ଦୁଆରୀ ପଞ୍ଚାୟତ ଫୁଲବନ୍ଧ ଗ୍ରାମର ସୁନାମ ହନ୍ତାଳ ପଟ୍ଟାଙ୍ଗୀ ବିଧାନସଭା ନିର୍ବାଚନମଣ୍ଡଳୀରୁ ଲଢ଼ିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ନିଜ ଆବେଦନ ପତ୍ର ଦେଇଛନ୍ତି। ଆଦିବାସୀ ଓ ଦଳିତଙ୍କ ପାଇଁ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ସାମିଲ ରହିଛନ୍ତି। ଛାତ୍ର ଜୀବନରୁ ସେ ଲୋକଙ୍କ ସେବା କରି ଆସୁଛନ୍ତି। ୨୦୦୪ରେ ତାଙ୍କୁ ଫୁଲବନ୍ଧ ଗାଁ କମିଟି ସଭାପତି ଦାୟିତ୍ୱ ମିଳିଥିଲା। ଜିଲା, ବ୍ଲକ ପ୍ରଶାସନ, ବିଭିନ୍ନ ବେସରକାରୀ ସଂସ୍ଥା ଓ ନେତାଙ୍କ ସହ ଯୋଗାଯୋଗ କରି ନିଜ ଅଞ୍ଚଳର ସମସ୍ୟା ସମାଧାନ କରିବା, ଗାଁକୁ ରାସ୍ତା, ଶିକ୍ଷାର ଉନ୍ନତି, ଶୌଚାଳୟ, ବିଦ୍ୟୁତ ଯୋଗାଣ, ଯୁବବର୍ଗଙ୍କ ପାଇଁ ତାଲିମ ଶିବିର, ମହିଳା ସଶକ୍ତୀକରଣ ଭଳି କାର୍ଯ୍ୟ କରାଇବାରେ ତାଙ୍କର



ଉଲ୍ଲେଖନୀୟ ଯୋଗଦାନ ସହ ହିତାଧିକାରୀଙ୍କୁ ଜମିପଟ୍ଟା, ଘରଡିହ ପଟ୍ଟା କରାଇ ଦେଉଥିଲେ। ୨୦୦୮ରେ କୋରାପୁଟ ଗସ୍ତରେ ଆସିଥିବା ରାହୁଲ ଗାନ୍ଧୀଙ୍କୁ ସୁନାମ ଭେଟିବା ପରେ ସେ କଂଗ୍ରେସରେ ସାମିଲ ହେବା ପାଇଁ ରାହୁଲ ତାଙ୍କୁ ପରାମର୍ଶ ଦେଇଥିଲେ। ସୁନାମ କିନ୍ତୁ ବିଜେଡିରେ ମିଶିବାକୁ ଇଚ୍ଛା ପ୍ରକାଶ କରି ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି।

# ଆଚରଣବିଧି ଲାଗୁପରେ ହଟିଲା ବ୍ୟାନର

**ଢୁମୁଡିବନ୍ଧ,୧୦।୩(ଡି.ଏନ୍.ଏ.)**

ସାଧାରଣ ନିର୍ବାଚନ ପାଇଁ ରବିବାର ସନ୍ଧ୍ୟାରେ ଭାରତର ମୁଖ୍ୟ ନିର୍ବାଚନ କମିଶନର ସୁନୀଲ ଆରୋରା ଦିଲ୍ଲୀରେ ତାରିଖ ଘୋଷଣା କରିବା ପରେ ନିର୍ବାଚନ ଆଚରଣବିଧି ଲାଗି ହୋଇଛି। ଆଚରଣବିଧି ଲାଗୁ ପରେ ଢୁମୁଡିବନ୍ଧ ପୋଲିସ ଓ ବ୍ଲକ ପ୍ରଶାସନ ପକ୍ଷରୁ ସଦରମହକୁମା ବଜାର ଓ ମେଡିକାଲ ଛକରେ ଲାଗିଥିବା ସମସ୍ତ ରାଜନୈତିକ ଦଳର ପୋଷ୍ଟର ଓ ବ୍ୟାନର ହଟାଯିବା ଆରମ୍ଭ ହୋଇଛି। ବିଡିଓ ଜୟଦେବ ଦାସ୍, ଥାନା ଭାରପ୍ରାପ୍ତ ଅଧିକାରୀ ବାବାଶଙ୍କର ଶରାଫ, ଏଏସ୍ଆଇ ଯୁଗଳ କିଶୋର ପଟ୍ଟନାୟକଙ୍କ ଉପସ୍ଥିତିରେ ଢୁମୁଡିବନ୍ଧ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ଲାଗିଥିବା ବିଭିନ୍ନ ରାଜନୈତିକ ଦଳର ପୋଷ୍ଟର, ବ୍ୟାନର ହଟାଯାଇଛି।



??????????????

### ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଭଞ୍ଜନଗର,୧୦।୩(ଡି.ଏନ୍.ଏ.)**

ଭଞ୍ଜନଗର ସହର ଭେଜିପୁଟ ମା' ବ୍ରାହ୍ମଣଦେବୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ ରବିବାର ଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ରବିବାର ଅପରାହ୍ନରେ ଲୋହରାଖଣ୍ଡି ନଦୀରୁ ଏକ କଳସ ଶୋଭାଯାତ୍ରା ବାହାରି ମନ୍ଦିରରେ ପହଞ୍ଚିଥିଲା। ବିଭିନ୍ନ ଦିବସରେ ଦେବୀଙ୍କ ସ୍ନାନ, ରତ୍ନଗର୍ଭ ପ୍ରତିଷ୍ଠା, ଦେବୀଙ୍କ ନଗରଭ୍ରମଣ, ମନ୍ଦିର ପ୍ରବେଶ, ପୁର୍ଣ୍ଣାହୁତି ଓ ନାମଯଜ୍ଞ ପ୍ରମୁଖ ହେବ। ସଭାପତି ଚିଦାନନ୍ଦ ସ୍ୱାଇଁ, ଉପ ସଭାପତି ବିଶ୍ୱନାଥ ସ୍ୱାଇଁ, ସମ୍ପାଦକ ଅଭିମନ୍ୟୁ ବିଷୋୟୀ, ସହ ସମ୍ପାଦକ ଗୁକୁନା ସ୍ୱାଇଁ, କୋଷାଧ୍ୟକ୍ଷ ମନୋଜ ବେହେରା, ସଭ୍ୟ ବଂଶିଧର ସ୍ୱାଇଁ, ଗରୀବ ଜେନା, ବଗୁ ନାୟକ, ବୃନ୍ଦାବନ ପୋଲେଇ, ଗନ୍ଧି ପ୍ରଧାନ, ସୁଶାନ୍ତ ମଳିକ, ଅଶୋକ ସ୍ୱାଇଁ, ତରୁଣ ଗୌଡ଼, ସନ୍ତୋଷ ଗୌଡ଼ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି। ଗୁରୁବାର ସକାଳେ ଏହି ଉତ୍ସବ ଉଦ୍‌ଯାପିତ ହେବ।

## ସଂକ୍ଷେପରେ

### ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ



**ବ୍ରହ୍ମପୁର ଅଫିସ,୧୦ା୩:** ସ୍ଥାନୀୟ ମେଡିକାଲ ବ୍ୟାଙ୍କକଲୋନୀ ପ୍ରଥମ ଲାଇନସ୍ଥିତ ହନୁମାନ ମନ୍ଦିରର ୧୪ତମ ପ୍ରତିଷ୍ଠା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସକାଳୁ ଠାକୁରଙ୍କ ମଙ୍ଗଳ ଆରତୀ ଓ ପରେ ହୋମଯଜ୍ଞ, ୨୧ ହନୁମାନ ଚାଳିଶା ପାଠ କରାଯାଇଥିଲା। ମେଡିକାଲ ବ୍ୟାଙ୍କ କଲୋନୀ ଉନ୍ନୟନ କମିଟିର ସଭାପତି ସୁବାସ ପାତ୍ରଙ୍କ ପୌରୋହିତ୍ୟରେ ପୂଜକ ବଟ ତ୍ରିପାଠୀ ପୂଜା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆର.ଏନ ଦାଶ, ନଳିନୀ ପଣ୍ଡା, ବିଜୟ ବେହେରା, ରାଜେନ୍ଦ୍ର ସାହୁ, ରାଜା ରାଓ ପାତ୍ର, ନାରାୟଣ ପରିଚ୍ଛା, ସଞ୍ଜୀବ କୁମାର ପଟ୍ଟନାୟକ, ହରିହର ନାୟକଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

### ୫୧ ୟୁନିଟ ରକ୍ତ ସଂଗ୍ରହ



**ବ୍ରହ୍ମପୁର ଅଫିସ,୧୦ା୩:** ବ୍ରହ୍ମପୁର ଆଇଜର ଓ ଏବିଭିଡି ପକ୍ଷରୁ ଏକ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି । ରେଜିଷ୍ଟ୍ରାର ଜୋସ ଷ୍ଟିଭନସନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଇଂ. ରାଜା ସୁରେଶ, ଆଇନଜୀବୀ ପ୍ରସନ୍ନ କୁମାର ପାତ୍ର, ଡା. ଇ. ଭେଙ୍କେଟ କ୍ରିଷ୍ଣା, ସୁନନ୍ଦା ପତି, ପ୍ରଫେସର ଯୋଗେନ୍ଦ୍ର ଶର୍ମା, ଗାୟତ୍ରୀ ଥାମ୍ପି, ସୁକନ୍ୟା ଚକ୍ରବର୍ତ୍ତୀ, ଗୋବିନ୍ଦ ଭାସ୍କରନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଡା. ରଶ୍ମିତା ପାଣିଗ୍ରାହୀ, ସୁଶାନ୍ତ ପାଣିଗ୍ରାହୀ, ପ୍ରଦୀପ କୁମାର ସୁବୁଦ୍ଧି ପ୍ରମୁଖ ଶିବିର ପରିଚାଳନା କରିଥିଲେ । ଏବିଭିଡିର ସଭାପତି ରମାକାନ୍ତ ରଥ, ସମ୍ପାଦକ ସୁଶାନ୍ତ ଘୋଷ, ଜାମୁଲା ସୁରେଶ, ନନ୍ଦେଶୁ ସେନାପତି, ଇ ଜଗଦୀଶ, ରଜନୀକାନ୍ତ ବକ୍ସି, ଲକ୍ଷ୍ମୀ ପାତ୍ର, ଭି.ଭି ରାଜୁ ପ୍ରମୁଖ ସହଯୋଗ କରିଥିଲେ । ଶିବିରରୁ ମୋଟ ୫୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ।

### ବନ୍ଦ ଘରୁ ଚୋରି

**ବ୍ରହ୍ମପୁର ଅଫିସ୍,୧୦ା୩:** ବ୍ରହ୍ମପୁର ଟାଉନ୍‌ଥାନା ଅର୍ନ୍ତଗତ ଗାନ୍ଧିନଗର ପଞ୍ଚମ ଲେନ୍‌ରେ ଥିବା ଏକ ବନ୍ଦ ଘରୁ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଛି । ଏ ନେଇ ଘର ମାଲିକ ନିର୍ମଳ ସାହୁ ଥାନାରେ ରବିବାର ଅଭିଯୋଗ କରିଛନ୍ତି । ପୋଲିସ ନଂ.୫୨/୧୯ରେ ଏକ ମାମଲା ରୁଜୁ କରିଛି। ନିର୍ମଳ ଗତ କିଛି ଦିନ ହେଲା ବ୍ରହ୍ମପୁର ବାହାରକୁ ଯାଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତ କବାଡ଼ ତାଡ଼ି ଭିତରେ ପଶି ଆଲମିରାରୁ ୧୫ହଜାର ଟଙ୍କା ଏବଂ କପଡ଼ା ନେଇଯାଇଛନ୍ତି । ରବିବାର ସକାଳେ ପଡ଼ୋଶୀ ଏହା ଜାଣିବା ପରେ ନିର୍ମଳଙ୍କୁ ଖବର ଦେଇଥିଲେ । ପରେ ସେ ଥାନାରେ ଅଭିଯୋଗ କରିଛନ୍ତି।

### ଗଞ୍ଜେଇ ଜବତ, ଜଣେ ଗିରଫ

**ମୋହନା,୧୦ା୩(ଡି.ଏନ୍.ଏ.):** ଗୁଲୁବା ପଞ୍ଚାୟତ ନିକଟସ୍ଥ ଲୁଦିଗୁଡ଼ା ନିକଟରେ ରବିବାର ସକାଳରେ ଏକ ବାଇକ୍‌ରୁ ୩୬ କେଜି ୪୦୦ ଗ୍ରାମ୍ ଗଞ୍ଜେଇ ଜବତ ସହ ଜଣକୁ ଗିରଫ କରାଯାଇଛି। ସେ ହେଲେ କଟକ ରାଣିହାଟର ରାଜା ମଲ୍ଲିକ(୩୦)। ଗଜପତି ଜିଲା ଆରକ୍ଷୀ ଅଧୀକ୍ଷକ ସାର ଶର୍ମାଙ୍କ ନିର୍ଦ୍ଦେଶରେ ଅଡ଼ବା ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ବାଇକ୍ ସହ ରାଜାଙ୍କୁ ଧରିଥିଲେ। ସେ ଗୁଲୁବା ଅଞ୍ଚଳରୁ ଗଞ୍ଜେଇ ସଂଗ୍ରହ କରି କଟକ ନେଉଥିବା ଅଡ଼ବା ଥାନା ଅଧିକାରୀ ଅଜୟ କୁମାର ବାରିକ କହିଛନ୍ତି।

# ବିସିସି ବ୍ୟାଙ୍କରେ ଖାଲିପଡ଼ିଛି ୧୩୦ ପଦବୀ

**ବ୍ରହ୍ମପୁର ଅଫିସ,୧୦ା୩**

## କର୍ମଚାରୀ ଅଭାବରୁ ଗ୍ରାହକ ସେବାରେ ସଂକଟ

ବିସିସି (ବ୍ରହ୍ମପୁର ସମବାୟ କେନ୍ଦ୍ର) ବ୍ୟାଙ୍କରେ କର୍ମଚାରୀ ମଡ଼ୁଡ଼ି ଯୋଗୁଁ ଗ୍ରାହକଙ୍କ ସେବାରେ ସଂକଟ ଦେଖାଦେଇଛି । ଶତାଧିକ ବର୍ଷର ଏହି ବ୍ୟାଙ୍କର ମୁଖ୍ୟ ଶାଖା ସମେତ ଗଞ୍ଜାମ ଓ ଗଜପତି ଜିଲାରେ ଥିବା ୨୩ ଶାଖାରେ ବହୁ କୋଟି ଟଙ୍କାର କାରବାର ହେଉଛି। ଚାଷୀଙ୍କୁ ଖରିଫ ଓ ରବି ଚାଷ ନିମନ୍ତେ ବ୍ୟାପକ କୃଷିରଣ ଦିଆଯାଉଛି । ଅଣ କୃଷିରଣ ମଧ୍ୟ ଦିଆଯାଉଛି । ତେବେ ମିଳିଥିବା ସୂଚନା ଅନୁସାରେ ବ୍ୟାଙ୍କର ମଞ୍ଜୁରୀ ୨୭୩ ବିଭିନ୍ନ ବର୍ଗର କର୍ମଚାରୀଙ୍କ ମଧ୍ୟରୁ ଦୀର୍ଘଦିନ ହେଲା ୧୩୦ ପଦବୀ ଖାଲି ପଡ଼ିଛି । ବ୍ୟାଙ୍କ ପରିଚାଳନା ବୋର୍ଡ ବୈଠକରେ ଏହି ପ୍ରସଙ୍ଗ ଉଠିଥିଲା । ତୁରନ୍ତ ସମସ୍ତ ପଦବୀ ପୂରଣ ଲାଗି ଗୁରୁତ୍ୱାରୋପ କରାଯାଇଥିଲା। ସୂଚନାଯୋଗ୍ୟ, ବ୍ୟାଙ୍କ ପରିଚାଳନା ବୋର୍ଡ ସଭାପତି, ଉପସଭାପତି ଓ ୧୩ ଡାଇରେକ୍ଟର ନିର୍ବାଚିତ ହୋଇଛନ୍ତି । ସମସ୍ତେ ବିଜେଡି ସମର୍ଥକ। ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ଜଣେ ପଦାଧିକାରୀ ସମ୍ପାଦକ ତଥା ପ୍ରଶାସନିକ ମୁଖ୍ୟ ଭାବେ ଅବସ୍ଥାପିତ ହୋଇଛନ୍ତି । ୪ ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜରଙ୍କ ମଧ୍ୟରୁ ୨ ଜଣ ଅଛନ୍ତି । ୨୯ ମ୍ୟାନେଜର ପଦବୀରୁ ୧୫ ଖାଲି ପଡ଼ିଛି । ୬୫ ଆସିଷ୍ଟାଣ୍ଟ ମ୍ୟାନେଜରଙ୍କ ମଧ୍ୟରୁ ୨୭, ବ୍ୟାଙ୍କିଙ୍ଗ ଆସିଷ୍ଟାଣ୍ଟ ୧୦୫ରୁ ୪୭ ପଦ ଖାଲି ପଡ଼ିଛି । ସେହିପରି ମଞ୍ଜୁରିପ୍ରାପ୍ତ ୬୯ ସପୋର୍ଟ କର୍ମଚାରୀଙ୍କ ମଧ୍ୟରୁ ୪୦ ଖାଲି ପଡ଼ିଛି । ଅନ୍ୟପକ୍ଷରେ ବ୍ୟାଙ୍କ ସେବାରେ ବାଧା ସୃଷ୍ଟି ନ ହେବା ପାଇଁ ରାଜ୍ୟ ସମବାୟ ବିଭାଗର ଅନୁମତି ନେଇ କେତେଜଣ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଠିକା ଭିତ୍ତିରେ ନିୟୋଜିତ କରାଯାଇଛି । ବ୍ୟାଙ୍କ ସଭାପତି ଅଲେଖ ଚୌଧୁରୀ କହିଛନ୍ତି, ମାର୍ଚ୍ଚରୁ ଡିସେମ୍ବର ମଧ୍ୟରେ ୧୦ ଏବଂ ୨୦୨୦ ଜାନୁଆରୀରୁ ଡିସେମ୍ବର ପୁଣୁ ଆଉ ୧୨ ଜଣ ଅବସର ନେବେ। ଖାଲି ପଡ଼ିଥିବା ପଦବୀ ପୂରଣ ନିମନ୍ତେ ଅନୁମତି ଦେବାକୁ ସରକାରଙ୍କ ସମବାୟ ବିଭାଗକୁ ବହୁବାର ଚିଠି ଲେଖି ଅନୁରୋଧ କରାଯାଇଛି। ବ୍ୟକ୍ତିଗତ ଭାବେ ଆଲୋଚନା କରାଯିବା ସହ ଦାବି ମଧ୍ୟ ହୋଇଛି । ରାଜ୍ୟର ସମସ୍ତ ସମବାୟ କେନ୍ଦ୍ର ବ୍ୟାଙ୍କରେ ଖାଲିଥିବା ପଦବୀଗୁଡ଼ିକ ଏକା ସମୟରେ ନିଯୁକ୍ତି କରାଯିବ ବୋଲି କୁହାଯାଇଛି। ଏହା କେବେ ହେବ ଅନିଶ୍ଚିତତାରେ ରହିଛି ବୋଲି ସଭାପତି ସ୍ପଷ୍ଟ କରିଛନ୍ତି ।

## ସେଲ୍‌ଫି କର୍ଣ୍ଣର



ପ୍ରଦୀପ



ଭିକୁ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ଭିଭିପାଟ, ଇଭିଏମ ମେଶିନ୍‌ରେ ମକ୍‌ପୋଲ

**ବ୍ରହ୍ମପୁର ଅଫିସ,୧୦ା୩**




ଉପସ୍ଥିତ ବିଧାୟକ, ଉପଜିଲାପାଳ ଓ ଅନ୍ୟମାନେ।

ଚଳିତ ସାଧାରଣ ନିର୍ବାଚନରେ ସ୍ୱଚ୍ଛତା ରକ୍ଷା ପାଇଁ ପ୍ରଥମ ଥର ଇଭିଏମ ସହ ଭିଭିପାଟ ମେଶିନ ବ୍ୟବହାର କରାଯିବ। ମତଦାନ ପରେ ଭିଭିପାଟ ମେଶିନ ଡିସପ୍ଲେରେ ଭୋଟର କାହାକୁ ଭୋଟ ଦେଲେ ୬ ସେକେଣ୍ଡ ମଧ୍ୟରେ ଦେଖିପାରିବେ ଏବଂ ତାହା ରେକର୍ଡ ହୋଇ ରହିବ । ଭିଭିପାଟ ମେଶିନର ସ୍ୱଚ୍ଛତା ନେଇ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କୁ ସଚେତନ କରିବାକୁ ରବିବାର ବ୍ରହ୍ମପୁର ମହାନଗର ନିଗମ(ବିଏମସି) ସମ୍ମିଳନୀ କକ୍ଷରେ ଏକ ମକପୋଲ କାର୍ଯ୍ୟକ୍ରମ ହୋଇଯାଇଛି। ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟଙ୍କ ପ୍ରତିନିଧିତ୍ୱରେ ଇଭିଏମ୍, ଭିଭିପାଟ ପ୍ରଦର୍ଶନ କରାଯାଇଥିଲା । ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ପରୀକ୍ଷାମୂଳକ ଭାବେ ମତଦାନ କରିଥିଲେ। ୧୦୦ଟି ପୋଲିଂ ପରେ ମେଶିନ ଦ୍ୱାରା ରେକର୍ଡ ହୋଇଥିବା ଭୋଟ ସମସ୍ତଙ୍କ ଉପସ୍ଥିତିରେ ଗଣତି କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ

## ସଚେତନ ହେଲେ ରାଜନୈତିକ ଦଳର ପ୍ରତିନିଧି

ସ୍ଥାନୀୟ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିଜେଡିର ବିଜୟ ସାମଲଙ୍କ ସମେତ ଅନ୍ୟ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଜାନୁୟାରୀରେ ଜିଲାରେ ପ୍ରଥମ ପର୍ଯ୍ୟାୟ ଭିଭିପାଟ ଓ ଇଭିଏମ ମେଶିନ ବ୍ୟବହାର ସମ୍ପର୍କିତ ସଚେତନତା କରାଯାଇଥିବା ବେଳେ ଗତ ୬ ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ଚାଲିଛି ବୋଲି ଉପଜିଲାପାଳ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଡେପୁଟି କମିଶନର ସୌରୀନ୍ଦ୍ର ରାଉତରାୟ, ଆଡିଶନାଲ କଲେକ୍ଟର ସିଏଚ ତିରୁମଲା ପାତ୍ର ଓ ଅନ୍ୟ ନିର୍ବାଚନ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଓକିଲ ସଂଘର ନୂତନ କର୍ମକର୍ତ୍ତା

**ମୋହନା,୧୦ା୩ (ଡି.ଏନ୍.ଏ.)**

ମୋହନା ଓକିଲ ସଂଘର ନୂତନ କର୍ମକର୍ତ୍ତା ଗଠନ ହୋଇଯାଇଛି। ସ୍ଥାନୀୟ ଓକିଲ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ନିର୍ବାଚନରେ ବରିଷ୍ଠ ଆଇନଜୀବୀ ସୀମାଞ୍ଚଳ କାର୍ଯୀ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଉପସଭାପତି ଭାବେ ଦୁର୍ଯ୍ୟୋଧନ କରଡ଼ା, ସମ୍ପାଦକ ଜିତେନ୍ଦ୍ର ରଥ, ସହ ସମ୍ପାଦକ ଜନାଥନ ଲିମା ଓ କୋଷାଧ୍ୟକ୍ଷ ସୁଶାନ୍ତ କୁମାର ମଲ୍ଲିକଙ୍କୁ ମନୋନୀତ କରାଯାଇଥିଲା। ଉପଦେଷ୍ଟା ମଣ୍ଡଳୀଭାବେ ବରିଷ୍ଠ ଆଇନଜୀବୀ ମଧୁସୁଦନ ପାଢ଼ୀ, ସୁଦର୍ଶନ ସାହୁ, ରାଧାମୋହନ ସାହୁ ଓ ସନ୍ତୋଷ ପାଢ଼ୀ ମନୋନୀତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ସୁଦର୍ଶନ ସାହୁ ଓ ସହ ଅଧିକାରୀ ମଧୁସୁଦନ ପାଢ଼ୀ ନିର୍ବାଚନ ପରିଚାଳନା କରିଥିଲେ ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

# ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ, ଭିତ୍ତିପ୍ରସ୍ତର



ଭିତ୍ତିପ୍ରସ୍ତର ବେଳେ ଉପସ୍ଥିତ କୁଳପତି ଓ ଅନ୍ୟମାନେ ।

**ବ୍ରହ୍ମପୁର ଅଫିସ,୧୦ା୩**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ବିଶ୍ୱବିଦ୍ୟାଳୟ ପରିସରରେ କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାଶ ୭ ପ୍ରକଳ୍ପର ଉଦଘାଟନ କରିଥିବା ବେଳେ ୨ଟିର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ବିଶ୍ୱବିଦ୍ୟାଳୟର ସଂପ୍ରସାରିତ ପ୍ରାଣୀ ଓ ଉଦ୍ଭିଦ ବିଜ୍ଞାନ ବିଭାଗ କୋଠା, ୩ ସଂପ୍ରସାରିତ ଶୌଚାଳୟ, ଓଭରହେଡ ଟ୍ୟାଙ୍କ, ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଛାତ୍ରାବାସର ସମ୍ପ୍ରସାରିତ କମନ ମେସ, ୫ ଲକ୍ଷ ଟଙ୍କାରେ ନିର୍ମିତ ବିଶ୍ୱବିଦ୍ୟାଳୟ ସ୍ୱାସ୍ଥ୍ୟକେନ୍ଦ୍ର ପାଚେରି ଉଦଘାଟିତ ହୋଇଛି । ସେହିପରି ମନାର୍ଚ୍ଚଛକଠାରେ ୯ କୋଟି ୯୮ ଲକ୍ଷରେ ନିର୍ମାଣ ହେବାକୁ ଥିବା ୪୦ ସିଟ ବିଶିଷ୍ଟ ଅଣଶିକ୍ଷକ କର୍ମଚାରୀଙ୍କ କ୍ୱାର୍ଟର ଓ ୫ ଲକ୍ଷ ଟଙ୍କା ବିନିମୟରେ ହେବାକୁ ଥିବା ଭଞ୍ଜବିହାର ଦକ୍ଷିଣଦ୍ୱାର ନିର୍ମାଣ କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପିଜି କାଉନସିଲ ଚେୟାରମ୍ୟାନ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ, କୁଳସଚିବ ରଞ୍ଜନ କୁମାର ବିଶ୍ୱାଳଙ୍କ ସମେତ ଉପକୁଳ ସଚିବ ଡ. ବାପୁଜୀ ସାମଲ, ସହ କୁଳସଚିବ ଡ. ସରୋଜ କୁମାର ଦାଶ, ପ୍ରଫେସର ସୁଧାକର ପାତ୍ର, ୱାର୍ଡେନ ପ୍ରଫେସର ଭାଗୀରଥି ପାଣିଗ୍ରାହୀ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ରସାୟନ ବିଜ୍ଞାନ ବିଭାଗ ଆଲୋଚନାଚକ୍ର ଉଦ୍‌ଯାପିତ

**ବ୍ରହ୍ମପୁର ଅଫିସ,୧୦ା୩**



ଆଲୋଚନାଚକ୍ରରେ ଭାଗନେଇଥିବା ଅଧ୍ୟାପିକାଅଧ୍ୟାପକ, ଗବେଷିକାଗବେଷକ ଓ ଅତିଥିମାନେ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରସାୟନ ବିଭାଗ ଆନୁକୂଲ୍ୟରେ ୩ ଦିନ ଧରି ଚାଲିଥିବା ଆନ୍ତର୍ଜାତିକ ଆଲୋଚନାଚକ୍ର ରବିବାର ଉଦଯାପିତ ହୋଇଯାଇଛି। ଔଷଧ ଉଦ୍ଭାବନ କ୍ଷେତ୍ରରେ ରସାୟନ ଏବଂ ଜୈବିକ ବିଜ୍ଞାନର ଭୂମିକା ଶୀର୍ଷକ ଏହି ଆଲୋଚନାଚକ୍ରର ଉଦଯାପନୀରେ ବାଙ୍ଗାଲୋରସ୍ଥିତ ଆଇ.ଆର.ଏସ.ର ପ୍ରଫେସର କେ. ଆର କେ. ପ୍ରସାଦ ମୁଖ୍ୟଅତିଥି, ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ପ୍ରଫେସର ଅଖିଳ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଚାଇନାର ପ୍ରଫେସର କେ. ହୁଆଙ୍ଗ, ୱାରସ ବିଶ୍ୱବିଦ୍ୟାଳୟର ପ୍ରଫେସର ଜେଡ୍. ଜାରନିକ, ସାଇପ୍ରସ ବିଶ୍ୱବିଦ୍ୟାଳୟର ପ୍ରଫେସର କୋଟେଣ୍ଟିସ, ସାଲେରୋନ ବିଶ୍ୱବିଦ୍ୟାଳୟର ପ୍ରଫେସର ଏ. କାସାପୋଲୋ, ଇଟାଲୀର ଆର. ରିସିଓ ପ୍ରମୁଖ ମଞ୍ଚାସୀନ ଥିଲେ । ଆଲୋଚନାଚକ୍ରରେ ଭାରତର ଭଟ୍ଟନାଗର ଜାତୀୟ ପୁରସ୍କାର ପ୍ରାପ୍ତ ୬ ବୈଜ୍ଞାନିକ ଯୋଗଦେଇଥିବା ବେଳେ ଭାରତ ଓ ଅନ୍ୟ ଦେଶରୁ ୫୦୦ ଗବେଷିକା ଗବେଷକ, ଅଧ୍ୟାପିକା, ଅଧ୍ୟାପକ ଅଂଶଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟରେ ଥିବା ରସାୟନ ବିଭାଗକୁ ଭାରତ ବର୍ଷର ଶ୍ରେଷ୍ଠ ଗବେଷଣା କେନ୍ଦ୍ର ଭାବେ ଘୋଷଣା କରାଯିବା ନେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ । ବିଭାଗୀୟ ମୁଖ୍ୟ ବାମାକାନ୍ତ ଗଡନାୟକ ଉଦଯାପନୀ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଓ ପ୍ରଫେସର ଲକ୍ଷ୍ମୀକାନ୍ତ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଡ. ବିଭୂତି ଭୂଷଣ ପରିଡା ଧନ୍ୟବାଦ ଦେଇଥିଲେ । ଡ. ସତ୍ୟନାରାୟଣ ସାହୁ, ଡ. ରବି ନାରାୟଣ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ସାଢ଼େ ୩ ଲକ୍ଷ ଶିଶୁଙ୍କୁ ପୋଲିଓ ବୁନ୍ଦା



ଜଣେ ଶିଶୁଙ୍କୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପୋଲିଓ ବୁନ୍ଦା ଖୁଆଉଛନ୍ତି ।

**ବ୍ରହ୍ମପୁର ଅଫିସ୍,୧୦ା୩**

ଗଞ୍ଜାମ ଜିଲାରେ ରବିବାର ପଲ୍‌ସ ପୋଲିଓ କାର୍ଯ୍ୟକ୍ରମ ହୋଇଯାଇଛି। ସକାଳେ ସିଟି ହସ୍‌ପିଟାଲ୍‌ଠାରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ପାଣିଗ୍ରାହୀ ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଖୁଆଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ହିମାଂଶୁବାଳା ପଟ୍ଟନାୟକ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ(ପରିବାର କଲ୍ୟାଣ) ଭି.ସରୋଜିନୀ ଦେବୀ, ଜିଲା ଟିବି ଅଧିକାରୀ ଡା. ମନୋଜ କୁମାର ପଣ୍ଡା, ପିସିସି ମେଡ଼ିକାଲ୍ ଅଧିକାରୀ ଡା. ସିତାଂଶୁ ଶେଖର ଶତପଥୀ, ଜାତୀୟ ସ୍ୱାସ୍ଥ୍ୟ ମିଶନର୍ ଜିଲା ପ୍ରକଳ୍ପ ପରିଚାଳକ ଶ୍ୟାମସୁନ୍ଦର ତ୍ରିପାଠୀ ଏବଂ ପ୍ରଜନନ ଏବଂ ଶିଶୁ ସ୍ୱାସ୍ଥ୍ୟ ପ୍ରକଳ୍ପ ଅଧିକାରୀ ଶକ୍ତି ବିଶାଳଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ରବିବାର ଦିନକ ପାଇଁ ଜିଲାର ମୋଟ ୩ଲକ୍ଷ ୫୫ହଜାର ୩୩୦ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ୧୬୧୭ଟି ବୁଥ୍‌ରେ ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଦିଆଯାଇଛି। ଏଥିପାଇଁ ୩,୨୩୪ଟି ଟିମ୍ ଗଠନ କରାଯାଇଥିଲା। ମୋଟ ୬,୪୬୮ କର୍ମଚାରୀ ପୋଲିଓ ବୁନ୍ଦା ପ୍ରଦାନରେ ନିୟୋଜିତ ଥିଲେ। ଏହି କାର୍ଯ୍ୟକ୍ରମର ତଦାରଖ ପାଇଁ ୩୨୩ ସୁପରଭାଇଜର୍‌ଙ୍କୁ ନିଯୁକ୍ତି ଦିଆଯାଇଥିଲା। ୭୫ଟି ଟ୍ରାଞ୍ଜିଟ୍ ଟିମ୍ ଗଠନ ହୋଇଥିବା ବେଳେ ୪୬ଟି ମୋବାଇଲ୍ ଟିମ୍ ଜିଲାବ୍ୟାପୀ ନିୟୋଜିତ ଥିଲେ।

# ଚୋରା ମଦ କାରବାରକୁ ଲଗାମ ନାହିଁ

**ଆର.ଉଦୟଗିରି,୧୦ା୩(ଡି.ଏନ.ଏ.)**

ଆର.ଉଦୟଗିରି ନୂଆଗଡ଼ ବ୍ଲକ ଅଞ୍ଚଳରେ ଚୋରା ମଦ କାରବାର ବୃଦ୍ଧି ପାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆର.ଉଦୟଗିରି, ଶବରପଲ୍ଲୀ, ଲୁବୁସିଂ, ଛେଳିଗଡ଼, ଛେଲାଗଡ଼, ରଣାଲଇ, ତିଳିଗାଁ, ମହେନ୍ଦ୍ରଗଡ଼, ରାମଗିରି, ପାରିଭେଟ୍ଟା ଓ ନୂଆଗଡ଼ ବ୍ଲକର ଖଜୁରିପଦା, ବଡ଼ପଦା ଆଦି ଅଞ୍ଚଳରେ ଦେଶୀ ଓ ବିଦେଶୀ ମଦ କାରବାର ହେଉଛି। ଏହି ଅଞ୍ଚଳରେ ଥିବା ସରକାରୀ ସ୍ୱୀକୃତିପ୍ରାପ୍ତ ବିଦେଶୀ ମଦ ଦୋକାନ ଏବଂ ମଦଭାଟିରୁ ପ୍ରତିଦିନ ବିଭିନ୍ନ ଅଞ୍ଚଳକୁ ଯାତ୍ରୀବାହୀ ଗାଡ଼ିରେ ମଦ ଚାଲାଣ ହୋଇ ବିଭିନ୍ନ ପାନ ଦୋକାନ, ଷ୍ଟେଶନେରି ଦୋକାନ ଓ ହୋଟେଲରେ ବିକ୍ରି ହେଉଛି। ସେହିପରି ଖଜୁରିପଦା ଛକରେ ଖୋଲାଖୋଲି ମଦ ବିକ୍ରି ହେଉଥିବା ଅବକାରୀ ବିଭାଗକୁ ବାରମ୍ବାର ଜଣାଇବା ସତ୍ତ୍ୱେ କୌଣସି ସୁଫଳ ମିଳୁନି। ଏ ନେଇ ଅବକାରୀ ଅଧିକାରୀ ଜି. ସୁରିୟା ରାଓଙ୍କୁ ପଚାରିବାରୁ ସେ କହିଛନ୍ତି, ଅବକାରୀ ବିଭାଗ ଅଫିସ ଗୃହ ନାହିଁ । କର୍ମଚାରିଙ୍କ ରହିବା ପାଇଁ ସୁବିଧା ନାହିଁ। ୪ ଥାନାଞ୍ଚଳ ପାଇଁ ୪ କର୍ମଚାରୀ ଥିବାରୁ ଚୋରାମଦ ଧରିବାରେ ସକ୍ଷମ ହୋଇପାରୁନୁ।

■ ମହିଳାଙ୍କ ସୁନାଚେନ୍ ଝାମ୍ପିନେଲେ ଦୁର୍ବୃତ୍ତ

# ଦାୟିତ୍ୱ ଭୁଲିଗଲା ଟାଉନ୍ ଥାନା ପୋଲିସ

**ବ୍ରହ୍ମପୁର ଅଫିସ୍,୧୦ା୩**



ସରିତା ପଟ୍ଟନାୟକ।

ବ୍ରହ୍ମପୁର ପୋଲିସର ଅପାରଗତା ଯୋଗୁ ସହରରେ ଅପରାଧ ବଢ଼ିବାରେ ଲାଗିଛି। କିଛିଦିନ ହେଲା ଏକାଧିକ ଛିନ୍‌ତାଇ ଘଟଣା ଘଟିଥିଲେ ମଧ୍ୟ କୌଣସି ଗୋଟିଏରେ ପୋଲିସକୁ ସଫଳତା ମିଳିନି। ଅପରାଧୀଙ୍କୁ ଧରିବା ଦୂରର କଥା ପୋଲିସ ଅଭିଯୋଗ ସୁଦ୍ଧା ରଖୁନାହିଁ । ଏଭଳି ଏକ ଘଟଣା ଟାଉନ୍ ଥାନାରେ ଦେଖିବାକୁ ମିଳିଛି। ଜଣେ ମହିଳା ଛିନତାଇର ଶିକାର ହୋଇଥିଲେ ମଧ୍ୟ ପୋଲିସ ପ୍ରଥମେ ତାଙ୍କ ଅଭିଯୋଗ ରଖି ନ ଥିଲା। ଘଟଣାର ୫ ଦିନ ପରେ ମହିଳା ଜଣକ ପୁଣି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

ହାତୀବନ୍ଧ ସାହିର ସରିତା କୁମାରୀ ପଟ୍ଟନାୟକ ବୁଧବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ନିଜ ପୁଅକୁ ବିଜିପୁରଠାରେ ଟିଉଶନ୍‌ରେ ଛାଡ଼ି ଦୁଇଚକିଆ ଗାଡିରେ ଫେରୁଥିଲେ। ଜନଗହଳିପୂର୍ଣ୍ଣ ବିଜିପୁର ଟ୍ରାଫିକ ଛକସ୍ଥିତ କାନାରା ବ୍ୟାଙ୍କ ସମ୍ମୁଖରେ ଦୁର୍ବୃତ୍ତମାନେ ଏକ ବାଇକ୍‌ରେ ଆସି ତାଙ୍କ ବେକରୁ ୨ ଭରି ଓଜନର ସୁନା ଚେନ୍ ଝାମ୍ପି ନେଇଥିଲେ । ସେହି ସମୟରେ ଛକରେ ଡ୍ୟୁଟି କରୁଥିବା ଟ୍ରାଫିକ କର୍ମଚାରୀଙ୍କୁ ସରିତା ଏ ସମ୍ପର୍କରେ ଜଣାଇଥିଲେ। ଦୁର୍ବୃତ୍ତମାନେ କେଉଁ

## ଚୁପ୍ ରହିଲେ ଟ୍ରାଫିକ କର୍ମଚାରୀ

ରାସ୍ତାରେ ଖସି ପଳାଇଲେ, ତାହା ମଧ କହିଲେ। ହେଲେ ଟ୍ରାଫିକ କର୍ମଚାରୀ ଜଣକ କିଛି କରିପାରିବେ ନାହିଁ ବୋଲି କହିଥିଲେ। ଏହାର ପରଦିନ ଅର୍ଥାତ୍ ଗୁରୁବାର ସରିତା ଟାଉନ୍ ଥାନାକୁ ଯାଇ ଘଟଣା ସମ୍ପର୍କରେ କହିଥିଲେ। ହେଲେ ସେଠାରେ ଉପସ୍ଥିତ ପୋଲିସ ବାବୁମାନେ ଅଭିଯୋଗ ନ ରଖି ପରେ ଆସନ୍ତୁ କହି ଫେରାଇ ଦେଇଥିଲେ। ରବିବାର ସରିତା ପୁଣି ଥରେ ଟାଉନ୍ ଥାନାକୁ ଯାଇ ଲିଖିତ ଅଭିଯୋଗ କରିବାରୁ ପୋଲିସ ନଂ.୫୩/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

ଏହି ଘଟଣାରେ ପୋଲିସ ବାବୁମାନଙ୍କ ଆଚରଣକୁ ସାଧାରଣରେ ସମାଲୋଚନା କରାଯାଉଛି। ଅନ୍ୟପକ୍ଷରେ ଟ୍ରାଫିକ କର୍ମଚାରୀ ନିକଟସ୍ଥ ଥାନାକୁ ସୂଚନା ଦେଇଥିଲେ ଦୁର୍ବୃତ୍ତଙ୍କୁ ଧରାଯାଇ ପାରିଥାନ୍ତା। ଥାନାରେ ମହିଳା ଓ ଶିଶୁ ଡେସ୍କ ରହିଛି । ସାଧାରଣ ଲୋକଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ପାଇଁ ପୋଲିସ ଅଧିକାରୀମାନଙ୍କୁ ତାଲିମ୍ ଦିଆଯାଉଛି। ହେଲେ ଟାଉନ୍ ଥାନା ପୋଲିସ ପ୍ରଥମେ ଏତଲା ନ ରଖି ଯେଉଁଭଳି ବ୍ୟବହାର କଲା ତାହା ପୋଲିସର ଅସଲ ଚେହେରାକୁ ସର୍ବସମ୍ମୁଖକୁ ଆଣିଛି ବୋଲି ଚର୍ଚ୍ଚା ଚାଲିଛି। ବ୍ରହ୍ମପୁର ଟାଉନ୍ ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି କହିଛନ୍ତି, ସରିତାଙ୍କ ଅଭିଯୋଗ ପରେ ଟାଉନ୍ ଥାନାରେ ମାମଲା ରୁଜୁ କରାଯାଇଛି। ପୋଲିସ ତଦନ୍ତ କରିଥିବା କହିଛନ୍ତି।

ସୂଚନାଯୋଗ୍ୟ, ଗତ ପ୍ରାୟ ଏକ ମାସ ହେଲା ସହରରେ ଗୋଟିଏ ପରେ ଗୋଟିଏ ଛିନ୍‌ତାଇ ଘଟଣା ଘଟୁଥିବା ବେଳେ ପୋଲିସ କେବଳ ମାମଲା ଟିଏ ରୁଜୁ କରି ଚୁପ୍ ରହୁଛି । ଯଦ୍ଦ୍ୱାରା ଅପରାଧୀଙ୍କ ସାହସ ବଢ଼ିବାରେ ଲାଗିଛି ।

